# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | APRIL 2023 | No.02

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୧୩:୧-୯)

୧ ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର, ହେ ସଦାପ୍ରଭୁଙ୍କ ଦାସଗଣ, ତୁମ୍ଭେମାନେ ପ୍ରଶଂସା କର, ସଦାପ୍ରଭୁଙ୍କ ନାମର ପ୍ରଶଂସା କର ।

୨ ଆଜିଠାରୁ ଅନନ୍ତକାଳ ସଦାପ୍ରଭୁଙ୍କ ନାମ ଧନ୍ୟ ହେଉ ।

୩ ସୂର୍ଯ୍ୟର ଉଦୟ-ସ୍ଥାନଠାରୁ ତହିଁର ଅସ୍ତ-ସ୍ଥାନ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ନାମ ପ୍ରଶଂସନୀୟ ।

୪ ସଦାପ୍ରଭୁ ସମୁଦାୟ ଗୋଷ୍ଠୀ ଉପରେ ଓ ତାହାଙ୍କ ଗୌରବ ଆକାଶମଣ୍ଡଳ ଉପରେ ଉଚ୍ଚୀକୃତ । ଯାହାଙ୍କର ଆସନ ଊର୍ଦ୍ଧ୍ୱରେ,

୫ ଯେ ଆକାଶ ଓ ପୃଥିବୀକି ଦେଖିବା ପାଇଁ ଆପଣାକୁ ନତ କରନ୍ତି,

୬ ସେହି ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ତୁଲ୍ୟ କିଏ ?

୭ ସେ ଅଧିପତିମାନଙ୍କ ସଙ୍ଗେ, ନିଜ ଲୋକଙ୍କ ଅଧିପତିଗଣ ସଙ୍ଗେ ବସାଇବା ପାଇଁ,

୮ ଦରିଦ୍ରକୁ ଧୂଳିରୁ ଉଠାନ୍ତି ଓ ଦୀନହୀନକୁ ଖତରାଶିରୁ ଉତ୍ତୋଳନ କରନ୍ତି ।

୯ ସେ ବନ୍ଧ୍ୟା ସ୍ତ୍ରୀକି ଗୃହିଣୀ ଓ ସନ୍ତାନଗଣର ଆନନ୍ଦମୟୀ ମାତା କରନ୍ତି । ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର ।

# ବାସ୍ତବ ପୁନର୍ଜାଗରଣ

## REAL REVIVAL!

ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍. ସେଲ୍‌ଭାରାଜ୍

ମୁଁ ଖ୍ରୀଷ୍ଟୀୟ ସମାଜରେ ବହୁଳ ଭାବରେ ବ୍ୟବହୃତ ହେଉଥିବା ''ପୁନର୍ଜାଗରଣ'' ଶବ୍ଦଟିକୁ ମୋ' ବାଇବଲରେ ଖୋଜୁଥିବା ସମୟରେ, ଏହାକୁ ପାଇ ପାରି ନ ଥିଲି । ''ପୁନର୍ଜାଗରଣ'' ଶବ୍ଦ ସମ୍ବନ୍ଧୀୟ ଅଧ୍ୟୟନ ଏକ ବଡ଼ ଶିକ୍ଷଣ ଅଟେ । ଯେତେବେଳେ ଲୋକମାନେ ଭାରତରେ ଆତ୍ମିକ ସଭାଗୁଡ଼ିକ ବିଷୟରେ କଥାବାର୍ତ୍ତା କରନ୍ତି, ସେତେବେଳେ ସାଧାରଣ ଭାବରେ ଏଗୁଡ଼ିକୁ 'ସୁସମାଚାର ସଭା', 'ପୁନର୍ଜାଗରଣ ସଭା' ଓ 'ସୁସମାଚାର ଅଭିଯାନ' ବୋଲି କୁହାଯାଏ । କେତେକ ଦେଶରେ ଏହିପରି ସଭାଗୁଡ଼ିକୁ ''ଆତ୍ମିକ ଉଦ୍ଦୀପନା ସଭା'' କୁହାଯାଏ । ଆଜି ମୁଁ ଆପଣମାନଙ୍କୁ ଯେଉଁ ବାର୍ତ୍ତା ଜଣାଇବାକୁ ଚାହୁଁଛି, ତାହା ହେଉଛି, ''ଶେଷକାଳର ବୃଷ୍ଟି'' ଭାବରେ ପ୍ରଭୁ ଯାହା ଢାଳିଛନ୍ତି, ପ୍ରଭୁ ପୁନର୍ଜାଗରଣ ଭାବରେ ଯାହା ପ୍ରକାଶ କରନ୍ତି କିମ୍ବା ଯାହା ଆତ୍ମିକ ଉଦ୍ଦୀପନା ଅଟେ ।

ଏହା ଶିକ୍ଷା କରାଯାଇଛି ଯେ ''ଉଦ୍ଦୀପନା'' (Revival) ଶବ୍ଦଟି ଲାଟିନ ଭାଷାରୁ ନିଆଯାଇଛି । ଇଂରାଜୀରେ ଏହାର ଅର୍ଥ ହେଉଛି ''ପୁନର୍ଜାଗରଣ'' । Vivo ର ଅର୍ଥ ହେଉଛି ''ପ୍ରଦତ୍ତ ଜୀବ'' କିମ୍ବା ''ପୁନଃ-ପ୍ରାପ୍ତ ଜୀବନ'' କିମ୍ବା ''ଜୀବନ ଫେରିପାଇବା'' । ଏହାର ଅର୍ଥ ହେଉଛି, କେହି ଜଣେ ମୃତ୍ୟୁର କବଳରୁ ଜୀବନକୁ ଫେରିପାଇବା । ଏହା ଗୋଟିଏ ମୃତ ବ୍ୟକ୍ତିକୁ ଜୀବିତ କରିବା ନୁହେଁ, ମାତ୍ର ଅଚଳ ହୋଇ ଯାଇଥିବା ଜଣେ ବ୍ୟକ୍ତିକୁ ପୁଣିଥରେ ସଚଳ କରିବା । ଜଣେ ବ୍ୟକ୍ତିର ହୃଦ୍‌ଘାତ ପରେ, ହୁଏତ ତା'ର ହୃଦୟ କାର୍ଯ୍ୟ କରିବା ବନ୍ଦ କରି ଦେଇପାରେ । ମାତ୍ର ତା'ର ହୃଦୟକୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଗଲେ, ତାହା ପୁଣିଥରେ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନିର



ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
CORE LEADERS
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

"... ଆମ୍ଭେ ତୁମ୍ଭକୁ ପୃଥିବୀର ଉଚ୍ଚସ୍ଥଳୀମାନଙ୍କରେ ଆରୋହଣ କରାଇବା, ଆଉ ତୁମ୍ଭ ପିତା ଯାକୁବର ଅଧିକାର ତୁମ୍ଭକୁ ଭୋଗ କରାଇବା ।"
(ଯିଶାଇୟ ୫୮:୧୪)

## ପ୍ରଭୁରେ ପ୍ରିୟ ବନ୍ଧୁଗଣ,

*ଆପଣମାନଙ୍କ ପ୍ରତି ଅନେକ ମଙ୍ଗଳଜନକ ବିଷୟ ଘଟୁ । ଆନନ୍ଦିତ ରହନ୍ତୁ ।*

*ପୃଥିବୀରେ ସୁସମାଚାର କ୍ଷିପ୍ରଗତିରେ ପ୍ରସାରିତ ହେଉଅଛି । କେବଳ ଆମେ ସୁସମାଚାର ପ୍ରସାର ନିମନ୍ତେ କାର୍ଯ୍ୟ କରୁ ନାହୁଁ । ଅନେକ ମଣ୍ଡଳୀ ଓ ବିଭିନ୍ନ ଖ୍ରୀଷ୍ଟିଆନ ଅନୁଷ୍ଠାନ ସେମାନଙ୍କର କାର୍ଯ୍ୟକ୍ଷେତ୍ରକୁ ସେମାନଙ୍କର ଈଶ୍ୱର-ସେବକମାନଙ୍କୁ ପ୍ରେରଣ କରୁଛନ୍ତି ଓ ଲୋକମାନଙ୍କୁ ପାପ, ରୋଗ ଓ ଦାରିଦ୍ର୍ୟରୁ ଉଦ୍ଧାର କରୁଛନ୍ତି । ଆମ୍ଭ ସେହି ସେବକ, ସେହି ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ପାଇଁ ଉଦ୍‌ଯୋଗର ସହିତ ପ୍ରାର୍ଥନା କରିବାକୁ ହେବ । ଆମେ ଆମର ଯଥାସାଧ ସେମାନଙ୍କୁ ଅର୍ଥ ସହାୟତା ମଧ ଯୋଗାଇ ଦେବା ଉଚିତ୍ । ଆମେ ମଣ୍ଡଳୀଗୁଡ଼ିକର ଧର୍ମ ଶିକ୍ଷା ସମ୍ବନ୍ଧରେ ସମସ୍ତ ପ୍ରକାର ଭେଦଭାବକୁ ଭୁଲିଯାଇ ସେଗୁଡ଼ିକୁ ଧ୍ୱଂସ କରିଦେବା ଉଚିତ୍ ଓ ଗୋଟିଏ ସୈନ୍ୟବାହିନୀ ଭାବରେ ଏକତ୍ର ଠିଆ ହେବା ଉଚିତ୍ ।*

*ଆମେ ନିହିମିୟା ବାଇବଲ କଲେଜର ଜଣେ ପୂର୍ବତନ ଛାତ୍ର, ପାଳକ ଜେ.ରାଜାମନି ଓ ତାଙ୍କର ପତ୍ନୀ ପାଳକ ଆର୍.ଭିମାନୀଙ୍କୁ ପାଳକ ଭାବରେ ଅଭିଷିକ୍ତ କରାଯାଇ, ଏହି ବର୍ଷ ଜାନୁୟାରୀ ୨୬ରେ ପାଲାଭରକାଡୁଠାରେ ପାଳକଗଣ ଭାବରେ ନିଯୁକ୍ତି ଦିଆ ଯାଇଥିଲା । ସେହି ଉପାସନା ସଭା ଅତି ଆଶୀର୍ବାଦଯୁକ୍ତ ଥିଲା । ଆସନ୍ତୁ, ଆମେ ଏହି ପ୍ରାର୍ଥନା କରିବା ଯେପରି ସେଠାରେ ନିର୍ମିତ ହୋଇଥିବା ମଣ୍ଡଳୀ ଗୃହ ଓ ପାଳକଗଣ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପାଇବେ । ଭାରତର ଗ୍ରାମଗୁଡ଼ିକରେ ଥିବା ଈଶ୍ୱରଙ୍କର ସମସ୍ତ ସେବକ ଓ ମଣ୍ଡଳୀଗୁଡ଼ିକ ବୃଦ୍ଧିପ୍ରାପ୍ତ ଓ ଉଚ୍ଚୀକୃତ ହେବା ଆବଶ୍ୟକ । ଆମେ ଏହା ଜାଣୁ ଯେ ଭାରତରେ ୭,୦୦,୦୦୦ ଗ୍ରାମ ଅଛି । ଆମକୁ କୌଣସି ପ୍ରକାରେ ସେହି ସ୍ଥାନ ଗୁଡ଼ିକରେ ସୁସମାଚାର ପହଞ୍ଚାଇବାକୁ ହେବ ।*



**ନୂତନ ମଣ୍ଡଳୀର ଉତ୍ସର୍ଗୀକରଣ**

## ଆହ୍ୱାନର ପ୍ରତିଧ୍ୱନି ପରିବାରର ଦାୟିତ୍ୱ :

*ଈଶ୍ୱରଙ୍କର ଯେଉଁ ଦାସମାନେ ଲୋକମାନଙ୍କୁ ବିନାଶରୁ ଉଦ୍ଧାର କରିବା ପାଇଁ ସ ସଠିକ୍ ପଥରେ ଚଳାଇବା ପାଇଁ ବିଶ୍ୱସ୍ତ ଭାବରେ କାର୍ଯ୍ୟ କରୁଛନ୍ତି, ସେମାନେ ଅନେକ ଦୁଃଖଭୋଗ କରୁଛନ୍ତି । ଆମକୁ ସେହିପରି ଲୋକମାନଙ୍କର*



**"ଆହ୍ୱାନର ପ୍ରତିଧ୍ୱନୀ" ପରିବାର**

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Media Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development



*Servant of God engaged in evangelism*

ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାକୁ ହେବ । ଶୟତାନ ସେମାନଙ୍କୁ ଉଭୟ ଶାରୀରିକ ଭାବରେ ଓ ଆତ୍ମିକ ଭାବରେ ଆକ୍ରମଣ କରୁଅଛି । ଆପଣ ଜାଣିଥିବା ଈଶ୍ୱରଙ୍କର ଏହିପରି ଦାସମାନଙ୍କୁ ଆପଣଙ୍କର ଅର୍ଥ ଓ ଭୌତିକ ଦ୍ରବ୍ୟ ଦ୍ୱାରା ସାହାଯ୍ୟ କରନ୍ତୁ । ଈଶ୍ୱରଙ୍କର ଯେଉଁ ଦାସମାନେ ଧନୀ ଅଟନ୍ତି, ସେମାନେ ଆଦ୍ୟରୁ ପାଇଥିବା ସେମାନଙ୍କ ଆହ୍ୱାନ ଓ ଦର୍ଶନ ହରାଇଛନ୍ତି । ସେମାନେ ବର୍ତ୍ତମାନ ସେମାନଙ୍କ ନିଜର ସ୍ୱାଚ୍ଛନ୍ଦ୍ୟକୁ ବୃଦ୍ଧି କରିବାରେ ଓ ସଂପତ୍ତି ସବୁ କ୍ରୟ କରିବାରେ ଜଡ଼ିତ ଅଛନ୍ତି । ସେବାକାର୍ଯ୍ୟର ନାମରେ ସେମାନେ ଏପରି ବଡ଼ ବଡ଼ ଗୃହ ସବୁ ନିର୍ମାଣ କରନ୍ତି ଯେଉଁ ଗୁଡ଼ିକର ପ୍ରକୃତରେ କୌଣସି ଆବଶ୍ୟକତା ନ ଥାଏ ଓ ଏହିପରି ଭାବରେ ସେମାନେ ସେମାନଙ୍କର ପଥରୁ ବିଚ୍ୟୁତ ହୁଅନ୍ତି । ଦୟାକରି ଏହି ପ୍ରକାର ଲୋକମାନଙ୍କୁ ସହାୟତା ନ ଦେଇ, ଯେଉଁମାନେ ପ୍ରକୃତରେ ଈଶ୍ୱରଙ୍କ ନିମନ୍ତେ ଆତ୍ମା ଲାଭ କରିବାକୁ କଠିନ ପରିଶ୍ରମ କରୁଛନ୍ତି । ଈଶ୍ୱରଙ୍କର ଏହିପରି ଦାସମାନଙ୍କୁ ଖୋଜନ୍ତୁ ଓ ସେମାନଙ୍କର ଉଦ୍ୟମରେ ସେମାନଙ୍କୁ ସହାୟତା ଦିଅନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଈଶ୍ୱରଙ୍କର ଏପରି ଦାସମାନେ ଅଛନ୍ତି ଯେଉଁମାନେ କୋଟୀ କୋଟୀ ଲୋକଙ୍କୁ ଖ୍ରୀଷ୍ଟଙ୍କ ବିନା ନର୍କ ଦିଗକୁ ଯାଉଥିବାର ଦେଖୁଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ଖ୍ରୀଷ୍ଟଙ୍କ ଦ୍ୱିତୀୟାଗମନ ବିଷୟରେ ମଧ୍ୟ ପ୍ରଚାର କରୁଛନ୍ତି ଓ ଯେ କୌଣସି ସମୟରେ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନକୁ ଆଶା କରିବା ପାଇଁ ଲୋକମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ମାତ୍ର ସେମାନେ ଦୀର୍ଘକାଳୀନ ଯୋଜନା ରଖିଛନ୍ତି ଓ କୋଟୀ କୋଟୀ ଟଙ୍କା ଖର୍ଚ୍ଚ କରି ବଡ ବଡ ଅଟ୍ଟାଳିକା ନିର୍ମାଣ କରୁଛନ୍ତି ଓ ଅନେକ ଅର୍ଥନୈତିକ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି । ଏହା ଆବଶ୍ୟକ ଅଟେ କି ? ଏହା ଏକ ଚାତୁର୍ଯ୍ୟପୂର୍ଣ୍ଣ ପ୍ରତାରଣା ନୁହେଁ କି ? ମଣ୍ଡଳୀ ନେତାମାନେ ଏହି ପ୍ରକାର ବିଷୟ କରିପାରନ୍ତି କି ? ଦୟାକରି ଏ ବିଷୟରେ ଭାବନ୍ତୁ ଓ ଈଶ୍ୱରଙ୍କର ଏପରି ଦରିଦ୍ର ଦାସମାନଙ୍କୁ ସହାୟତା ଦିଅନ୍ତୁ ଯେଉଁମାନେ ବାସ୍ତବରେ ଆତ୍ମାଗୁଡ଼ିକ ପାଇଁ ବୋଝଗ୍ରସ୍ତ ହୋଇ ତାଙ୍କର ସେବା କରନ୍ତି ।

ଏପରି ପ୍ରଚାରକମାନଙ୍କୁ ଖୋଜି ବାହାର କରିବା ଜ୍ଞାନର ବିଷୟ ଅଟେ ଯେଉଁମାନଙ୍କ ନିକଟରେ ସାଇକଲ ମଧ୍ୟ ନାହିଁ ଓ କେତେକ ମଣ୍ଡଳୀରେ ଭଲ ଛାତ କିମ୍ବା ଚଟାଣ ନାହିଁ । ଈଶ୍ୱରଙ୍କର କେତେକ ଦାସ ଈଶ୍ୱରଙ୍କଠାରୁ ସେମାନଙ୍କର ପରବର୍ତ୍ତୀ ଖାଦ୍ୟର ଅପେକ୍ଷା କରୁଥାନ୍ତି । ଆମେ ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ନ ହେବା ବିଷୟରେ ସତର୍କ ହେବା ଉଚିତ ।

କେତେକ ଲୋକ ଏପରି ପ୍ରତାରଣାପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରନ୍ତି ଯେଉଁଗୁଡ଼ିକୁ ସେମାନେ ସେମାନଙ୍କ ବୃତ୍ତିରୁ ଶିକ୍ଷା କରିଥା'ନ୍ତି । ସେମାନେ ବିକ୍ରୟ କରୁଥିବା ସେମାନଙ୍କ ଦ୍ରବ୍ୟଗୁଡ଼ିକର ତାଲିକାରେ ଈଶ୍ୱର ଓ ତାଙ୍କ ସେବାକାର୍ଯ୍ୟକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥା'ନ୍ତି ଓ ସେବାକାର୍ଯ୍ୟକୁ ସେମାନଙ୍କ ନିଜସ୍ୱ ବ୍ୟବସାୟ ସଦୃଶ ପରିଚାଳନା କରନ୍ତି । ଦୟାକରି ଏହିପରି ଲୋକମାନଙ୍କୁ ଚିହ୍ନନ୍ତୁ ଓ ଜ୍ଞାନର ସହିତ କାର୍ଯ୍ୟ କରନ୍ତୁ । ଆମେ ନିଶ୍ଚୟ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରିବୁ ।

ଆମେ ଆମ 'ନିହିମିୟା ବାଇବଲ କଲେଜ' ମାନ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଅଛୁ ଓ ଈଶ୍ୱରଙ୍କର ଅଧିକରୁ ଅଧିକ ଦାସମାନଙ୍କୁ ତାଲିମ ଦେବା ପାଇଁ ଓ B.Th ଡିଗ୍ରୀ କାର୍ଯ୍ୟକ୍ରମ ପ୍ରଚଳନ କରିବା ପାଇଁ ମଧ୍ୟ ସ୍ଥିର କରିଅଛୁ । ଏହାକୁ ଆରମ୍ଭ କରିବା ପୂର୍ବରୁ, ଆମେ ଅନ୍-ଲାଇନ୍ B.Th ପାଠ ଆରମ୍ଭ କରିବୁ । ଆମେ ଆପଣମାନଙ୍କୁ ଆପଣମାନଙ୍କ ମଣ୍ଡଳୀଗୁଡ଼ିକରେ ଓ ଆପଣ ଜାଣିଥିବା ଲୋକମାନଙ୍କ ନିକଟରେ ଏହି ବିଷୟ ଜଣାଇବାକୁ ଅନୁରୋଧ କରୁଅଛୁ । ଏହି ପାଠ୍ୟକ୍ରମରେ ଯୋଗ ଦେବା ପାଇଁ ଅନେକ ଛାତ୍ରଙ୍କୁ ପ୍ରେରଣ କରନ୍ତୁ । ଆମେ ଏହି ବିଷୟରେ ଆପଣମାନଙ୍କ ମତାମତ ଓ ପରାମର୍ଶ ଆଶା କରୁଅଛୁ । ଦୟାକରି ଅଧିକ ଜାଣିବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ । ପ୍ରଭୁ ଯୀଶୁ ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858,

E.mail : samselvaraj333@gmail.com

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କାର୍ଯ୍ୟକ୍ଷମ ହୁଏ । ଏହି ଜୀବନ ଫେରାଇ ଆଣିବାର ପଦ୍ଧତିକୁ ''ପୁନର୍ଜାଗରଣ'' କିମ୍ବା ''ଉଦ୍ଦୀପନା'' ବୋଲି କୁହାଯାଏ ।

ମୁଁ ସ୍ୱର୍ଗତଃ ରେଭ୍. ଏସ୍. ଦେବଦାସନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ''ହେରାଲ୍ଡ ଅଫ୍ ହିଜ୍ କମିଙ୍ଗ'' ସେବାକାର୍ଯ୍ୟରୁ ଉତ୍ପନ୍ନ ହୋଇଛି । ଏଠାରେ ଆପଣ ଶୁଣିଲେ ଯେ ମୁଁ ନିଜକୁ 'ହେରାଲ୍ଡ ଅଫ୍ ହିଜ୍ କମିଙ୍ଗ'ର ଉତ୍ପାଦିତ ଦ୍ରବ୍ୟ କିମ୍ବା ଶସ୍ୟ ଭାବରେ ପରିଚିତ କରିଛି । ଆମେ ଏହା କହିପାରିବା ଯେ 'ପୁନର୍ଜାଗରଣ' କିମ୍ବା 'ଶସ୍ୟ' ପବିତ୍ର ଆତ୍ମାଙ୍କ ଉତ୍ପାଦ ଅଟେ କିମ୍ବା ଏହାକୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଉତ୍ପନ୍ନ କରାଯାଇଛି । ପବିତ୍ର ଆତ୍ମା ଯେଉଁ ସ୍ଥାନରେ କାର୍ଯ୍ୟ କରନ୍ତି, ସେଠାରେ ଆମେ 'ପୁନର୍ଜାଗରଣ' ଦେଖିପାରିବା । ଏହା ଏକ ମାନବିକ କାର୍ଯ୍ୟ ନୁହେଁ, ମାତ୍ର ଏହା ପ୍ରଭୁଙ୍କର କାର୍ଯ୍ୟ ଅଟେ । ପୁନର୍ଜାଗରଣ ଅଧାର୍ମିକମାନଙ୍କ ମଧ୍ୟରେ ଘଟେ ନାହିଁ ।

ପୁନର୍ଜାଗରଣ ମୂର୍ଚ୍ଛିତ ସାଧୁମାନଙ୍କୁ ପକ୍ଷଯୁକ୍ତ କରେ ଓ ସେମାନଙ୍କୁ ପୁନର୍ବାର ଈଶ୍ୱରଙ୍କ ନିକଟବର୍ତ୍ତୀ କରାଏ । ଏହା ସ୍ଖଳିତମାନଙ୍କୁ ସଚେତନ କରି ପୁଣିଥରେ ଠିକ୍ ରାସ୍ତାକୁ ନେଇ ଆସେ । ପୁନର୍ଜାଗରଣ କିମ୍ବା ଉଦ୍ଦୀପନା ସମାଜରେ ଈଶ୍ୱରଙ୍କ ଉପସ୍ଥିତିକୁ ପ୍ରଦର୍ଶନ କରି ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ ଜାତିସମୂହଙ୍କର ଅଜ୍ଞତାରୁ ଦୂର କରିବାରେ ସାହାଯ୍ୟ କରେ ଓ ଏକ ଅତି ପ୍ରାକୃତିକ ଜାଗରଣ ଉତ୍ପନ୍ନ କରେ ।

ଏକ ବିସ୍ଫୋରିତ ପୁନର୍ଜାଗରଣ ପାଇଁ, ସାଧାରଣ ପ୍ରାର୍ଥନା ଯଥେଷ୍ଟ ନୁହେଁ, ମାତ୍ର ଆମେ ଅତି ଉଦ୍‌ଯୋଗ ପୂର୍ଣ୍ଣ ଓ ଅସାଧାରଣ ପ୍ରାର୍ଥନା ଆବଶ୍ୟକ କରୁ । ବାସ୍ତବ ଉଦ୍ଦୀପନା ଆଧୁନିକ ବାଦ୍ୟଯନ୍ତ୍ର ଦ୍ୱାରା କିମ୍ବା ଅତି ଉଚ୍ଚ ଧ୍ୱନି କରିବା ଦ୍ୱାରା କିମ୍ବା ନୂତନ ନୂତନ ନୃତ୍ୟ ଦ୍ୱାରା ଉତ୍ପନ୍ନ କରାଯାଇପାରିବ ନାହିଁ । ଏହା ଆମର ଆଣ୍ଠୁକୁ ଭାଙ୍ଗିବା ଦ୍ୱାରା ଉତ୍ପନ୍ନ ହୁଏ । ଚେନ୍ନାଇ ସହର ଅନେକ ସଂଖ୍ୟକ ମଣ୍ଡଳୀ ଦ୍ୱାରା ଆଶୀର୍ବାଦ ପାଇଛି । ମାତ୍ର କେତେକ ଅଞ୍ଚଳରେ ଏପର୍ଯ୍ୟନ୍ତ ସୁସମାଚାର ପହଞ୍ଚି ନାହିଁ । ଆମର 'ଆହ୍ୱାନର ପ୍ରତିଧ୍ୱନି'ର ମୁଖ୍ୟ ଉପାସନାଳୟର ଅଞ୍ଚଳଟି ଏହିପରି ଗୋଟିଏ ଅଞ୍ଚଳ ଥିଲା । ଈଶ୍ୱରଙ୍କର ଅନେକ ଦାସ ଏହି ସିଦ୍ଧାନ୍ତ ନେଇଥିଲେ ଯେ ଏହି ଅଞ୍ଚଳଟିରେ କେହି ପ୍ରଭୁଙ୍କର ସୁସମାଚାର ପହଞ୍ଚାଇ ପାରିବେ ନାହିଁ । ମାତ୍ର ଈଶ୍ୱର ଏହି ପରିତ୍ୟକ୍ତ ସ୍ଥାନରେ ନିଜ ସୁସମାଚାର ପହଞ୍ଚାଇବାର ଦାୟିତ୍ୱ ମୋତେ ପ୍ରଦାନ କରିଥିଲେ । ଏହା ସାଧନ କରିବା ନିମନ୍ତେ, ଆମେ ଅଧିକ ପ୍ରାର୍ଥନା ଆବଶ୍ୟକ କରୁଥିଲୁ । ଶେଷରେ, ପ୍ରଭୁ ଏକ ଉଦ୍ଦୀପନା ଆଣିଥିଲେ ।

ବିନାଶ ଦିଗକୁ ଯାଉଥିବା ଅନେକ ଲୋକ ପ୍ରଭୁଙ୍କ ସୁସମାଚାର ମାଧ୍ୟମରେ ତାଙ୍କୁ ସାକ୍ଷାତ୍ କରିଥିଲେ । ସେଠାରେ ମଣ୍ଡଳୀ ସ୍ଥାପିତ ହୋଇଥିଲା । ଅନେକ ଲୋକ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହୋଇଥିଲେ ଓ ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ ।

ଏହି ପୁନର୍ଜାଗରଣ ଯୋଗୁ, ଆମ ଅଞ୍ଚଳର ଅନେକ ମନ୍ଦତାର ଉତ୍ସ ହୋଇ ରହିଥିବା ପାରାଗନ୍ ସିନେମା ଥିଏଟର, ନିଉ ଏଲଫିନଷ୍ଟୋନ ସିନେମା ଥିଏଟର, ୱେଲିଙ୍ଗଟନ ସିନେମା ଥିଏଟର, ଷ୍ଟାର ସିନେମା ଥିଏଟର, ଇତ୍ୟାଦିକୁ ଧ୍ୱଂସ କରାଯାଇଥିଲା ଓ ସେଗୁଡ଼ିକ ସ୍ଥାନରେ ନୂତନ ନୂତନ ଗୃହ ସବୁ ମୁଣ୍ଡ ଟେକିଥିଲା । ମନ୍ଦ ଅଭ୍ୟାସ, ହିଂସାତ୍ମକ କାର୍ଯ୍ୟ ଓ ନିଶା ବଟିକା ପ୍ରତି ଆସକ୍ତ ଓ ଘୃଣ୍ୟ କାର୍ଯ୍ୟରେ ଜଡ଼ିତ ଅନେକ ଲୋକ ସେମାନଙ୍କର ହୃଦୟ ପରିବର୍ତ୍ତନ କରିଥିଲେ, ଜୀବିତ ଈଶ୍ୱରଙ୍କୁ ଗ୍ରହଣ କରିଥିଲେ, ଆମ ମଣ୍ଡଳୀରେ ଯୋଗ ଦେଇ ପ୍ରଭୁଙ୍କ ପାଇଁ ଶକ୍ତିଶାଳୀ ସାକ୍ଷୀର ଜୀବନ କାଟିଥିଲେ ।

ବର୍ତ୍ତମାନ ଏହି ଉଦ୍ଦୀପନା ଏକ କ୍ଷଣସ୍ଥାୟୀ ବିଷୟ ଥିଲା କି ନାହିଁ, ଏ ବିଷୟରେ ଚିନ୍ତା କରିବା ଆମର କାର୍ଯ୍ୟ ଅଟେ । କିମ୍ବା ଏକ ସ୍ଥାୟୀ ଉଦ୍ଦୀପନା ? ଏହାକୁ କିପରି ବଞ୍ଚାଇ ରଖାଯାଇପାରିବ ?

ଏହି ପୃଥିବୀର ଅନେକ ଦେଶରେ ଏହିପରି ଉଦ୍ଦୀପନା ଘଟିଥିଲା । ଉଦାହରଣ ସ୍ୱରୂପ, ସ୍କଟଲ୍ୟାଣ୍ଡ ଓ କୋରିଆ । ଈଶ୍ୱରଙ୍କ ଲୋକ ଜନ୍ ନକ୍ସ ସ୍କଟଲ୍ୟାଣ୍ଡର ପୁନର୍ଜାଗରଣ ନିମନ୍ତେ ଅତି ଉଦ୍ଯୋଗର ସହିତ ପ୍ରାର୍ଥନା କରିଥିଲେ । ପ୍ରଭୁ ସେଠାକୁ ଏକ ବଡ଼ ଉଦ୍ଦୀପନା ପ୍ରେରଣ କରିଥିଲେ । ଏହା ଫଳରେ, ବହୁସଂଖ୍ୟକ ଲୋକ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲେ । ଦେଶ ଅଗ୍ରଗତି କରିଥିଲା, ଅର୍ଥନୈତିକ ସମୃଦ୍ଧି ଦେଖା ଦେଇଥିଲା, ବହୁସଂଖ୍ୟକ ମଣ୍ଡଳୀ ସ୍ଥାପିତ ହୋଇଥିଲା । ପ୍ରତ୍ୟେକ ସ୍ଥାନରେ ପ୍ରାର୍ଥନା ସଭା ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପ ସଂଘଟିତ ହୋଇଥିଲା । ବହୁସଂଖ୍ୟକ ଯୁବକ ଯୁବତୀ ଅନୁତାପ କରି ପ୍ରଭୁଙ୍କ ଖୁଆଡ଼ ମଧ୍ୟକୁ ଆସିଥିଲେ, ସେମାନଙ୍କର ବିଳାସପୂର୍ଣ୍ଣ ଜୀବନକୁ ପରିତ୍ୟାଗ କରି ପୃଥିବୀର ବିଭିନ୍ନ ଦେଶକୁ ମିଶନେରୀଭାବରେ ଯାତ୍ରା କରିଥିଲେ ଓ ସୁସମାଚାର ପ୍ରଚାର କରିଥିଲେ । ଏଥିଯୋଗୁ, ଭାରତରେ ଓ ଅନ୍ୟ ଦେଶଗୁଡ଼ିକରେ ବହୁସଂଖ୍ୟକ ଗୀର୍ଜ୍ଜାଗୃହ, ବିଦ୍ୟାଳୟ ଓ ଡାକ୍ତରଖାନା ନିର୍ମିତ ହୋଇଥିଲା । ମାତ୍ର ଆଜି ଏହି ଦେଶ (ସ୍କଟଲ୍ୟାଣ୍ଡ)ର ସ୍ଥିତି କ'ଣ ?

ଯେତେବେଳେ ମୁଁ ଏଇ ନିକଟରେ ଏହି ଦେଶକୁ ଯାଇଥିଲି, ସେତେବେଳେ ମୁଁ ଏହା ଜାଣି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲି ଯେ ଖ୍ରୀଷ୍ଟଧର୍ମ ପାଳନ କରୁଥିବା ଲୋକମାନଙ୍କର ସଂଖ୍ୟା ଅତି ଅଳ୍ପ । ଅନେକ ଲୋକ ଯୀଶୁ ଖ୍ରୀଷ୍ଟ ବିନା ଜୀବନ କାଟୁଛନ୍ତି । ଅନେକ ସୁଉଚ୍ଚ ଗୀର୍ଜ୍ଜା ଗୃହକୁ ବିଧର୍ମୀମାନଙ୍କୁ ବିକ୍ରୟ କରାଯାଇଛି ଓ ସେଗୁଡ଼ିକ ପ୍ରତିମାପୂଜା, ଘୃଣ୍ୟ ଦ୍ରବ୍ୟଗୁଡ଼ିକର ବ୍ୟବସାୟିକ କେନ୍ଦ୍ର, ନୃତ୍ୟ କକ୍ଷ, ନାଟକ ମଞ୍ଚ, ଅଶ୍ଳୀଳ ଚଳଚ୍ଚିତ୍ର ପ୍ରଦର୍ଶନର କେନ୍ଦ୍ର ଓ ଉଲ୍ଲେଖ କରାଯାଇ ପାରୁ ନ ଥିବା ଅନେକ ଘୃଣ୍ୟ ବିଷୟର କେନ୍ଦ୍ର ଭାବରେ ବ୍ୟବହୃତ ହେଉଅଛି । ଦୁଃଖର ବିଷୟ ହେଉଛି ଯେ, ଏହି ଗୃହ ଗୁଡ଼ିକରେ ଏ ପର୍ଯ୍ୟନ୍ତ କ୍ରୁଶର ପ୍ରତୀକ ସଂଯୁକ୍ତ ହୋଇ ରହିଛି ।

ଈଶ୍ୱରଙ୍କର ଜଣେ ବ୍ୟକ୍ତି ସ୍କଟଲ୍ୟାଣ୍ଡର ଗୋଟିଏ ବଡ଼ ପ୍ରେକ୍ଷାଳୟରେ ଲୋକମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଜଣାଇବା ପାଇଁ ମୋତେ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ କରିବା ସମୟରେ, ସେ ମୋତେ କହିଥିଲେ, "ପାଳକ, ଏହି ଲୋକମାନେ ଯୀଶୁ ଖ୍ରୀଷ୍ଟ କିମ୍ବା ଖ୍ରୀଷ୍ଟ ଧର୍ମ ବିଷୟରେ କିଛି ଜାଣନ୍ତି ନାହିଁ । ଆପଣ ନିଜ ବାର୍ତ୍ତାରେ ଆମର ଜୀବିତ ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ପରିଚୟ ପ୍ରଦାନ କରିବେ । ଏହା ଶୁଣିବା ଅତି ଦ୍ୱନ୍ଦ୍ୱଯୁକ୍ତ ହେଲେ ମଧ୍ୟ, ଯେତେବେଳେ ମୁଁ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ମୌଳିକ ସତ୍ୟର ସୁସମାଚାର ପ୍ରଚାର କଲି, ସେତେବେଳେ ସେହି ଦେଶର ବହୁସଂଖ୍ୟକ ଲୋକ ଅନୁତାପ କରିଥିଲେ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ପାଇଁ ଅଶ୍ରୁର ସହିତ ଆଗେଇ ଆସିଥିଲେ । ଏହା ଏକ ଅତି ଚମତ୍କାର ଦୃଶ୍ୟ ଥିଲା ।

ତେବେ ସେମାନଙ୍କର ସ୍ଖଳନର କାରଣ କ'ଣ ଥିଲା ? ସେମାନେ ସେମାନଙ୍କର ଆଦ୍ୟ ପ୍ରେମ ହରାଇଥିଲେ । ଜାଗତିକ ଶିକ୍ଷା, ଅର୍ଥନୈତିକ ସମୃଦ୍ଧି, ବିଳାସପୂର୍ଣ୍ଣ ଜୀବନ, ନିଶା ଦ୍ରବ୍ୟ, ଇତ୍ୟାଦି ସେମାନଙ୍କର ମନକୁ କଠିନ କରି ଦେଇଥିଲା ଓ ସେମାନେ ପ୍ରାର୍ଥନା ଜୀବନକୁ ଅପରିଚିତ ବିଷୟ ବୋଲି ବିଚାର କରୁଥିଲେ । ସେମାନେ ସେମାନଙ୍କ ଜୀବନରୁ ମଧ୍ୟ ପବିତ୍ରତାକୁ ବିଚ୍ଛିନ୍ନ କରିଥିଲେ ।

ଏହାର ବିପରୀତରେ, ପୁନର୍ଜାଗରଣ ଦେଖିଥିବା କୋରିଆକୁ ଦେଖନ୍ତୁ । ଯେତେବେଳେ କୋରିଆରେ ଅର୍ଥନୀତି, ଶିକ୍ଷା ଓ ସଂସ୍କୃତି ନିମ୍ନଗାମୀ ହୋଇଥିଲା, ସେତେବେଳେ ଈଶ୍ୱର ପଲ୍ ୟୋଙ୍ଗି–ଚୋ ନାମକ ଜଣେ ବ୍ୟକ୍ତିଙ୍କୁ ଉଠାଇ ଥିଲେ । ଈଶ୍ୱର ତାଙ୍କ ପ୍ରାର୍ଥନାର ଉତ୍ତର ସ୍ୱରୂପେ, ଏକ ଶକ୍ତିଶାଳୀ ଉଦ୍ଦୀପନା ଆଣିଥିଲେ । ସେହି ଉଦ୍ଦୀପନା ଯୋଗୁ, ଦେଶ ସମଗ୍ର ବିଶ୍ୱରେ ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ବହୁଳଭାବରେ ବୃଦ୍ଧି ପାଇଅଛି । ଈଶ୍ୱରଙ୍କ ଦାସ ଓ ଈଶ୍ୱରଙ୍କ ଲୋକମାନେ ନିରବଚ୍ଛିନ୍ନ ଭାବେ ପ୍ରାର୍ଥନାକୁ ଗୁରୁତ୍ୱ ଦେଉଛନ୍ତି ଓ ପବିତ୍ର ଜୀବନ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।

माध्यमः हिन्दी

ECHO OF HIS CALL 1969-2019 REACHING NATIONS

*सदस्यता के लिए पंजीकृत उम्मीदवार* - ATA

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान

सर्टिफिकेट इन थियोलॉजी – 1 साल
डिप्लोमा ऑफ थियोलॉजी – 2 साल

योग्यता 10 वी या अधिक
जल्दी करें!

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ଏପ୍ରିଲ ୧୯ ରୁ ୨୦୨୩ ମଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଏପ୍ରିଲ ୧୯ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀମାନଙ୍କ ପାଇଁ ଓ ସେମାନଙ୍କର ପରିବାରଗୁଡ଼ିକ ପାଇଁ ।

ଏପ୍ରିଲ ୨୦ ⇨ ଆମ ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ୧୬ଟି ଭାଷାରେ ପ୍ରକାଶିତ ଆମର ପତ୍ରିକା ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ଏପ୍ରିଲ ୨୧ ⇨ ଆସବରୀ ଉଦ୍ଦୀପନା ମାଧମରେ ଆମେରିକା ଉପରେ ବସନ୍ତ କାଳୀନ ବୃଷ୍ଟିର ଆଶୀର୍ବାଦ ନିମନ୍ତେ ।

ଏପ୍ରିଲ ୨୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜଙ୍କର ସେବକୀୟ ଯାତ୍ରା ଉପରେ ଆଶୀର୍ବାଦ ନିମନ୍ତେ ।

ଏପ୍ରିଲ ୨୩ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜଙ୍କର ୫ ମିନିଟିଆ ୟୁ-ଟ୍ୟୁବ୍ ବାର୍ତ୍ତା ମାଧମରେ ଉତ୍ପନ୍ନ ହେଉଥିବା ସାକ୍ଷ୍ୟଗୁଡ଼ିକ ପାଇଁ ।

ଏପ୍ରିଲ ୨୪ ⇨ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜର ସମସ୍ତ କାର୍ଯ୍ୟକଳାପ ନିମନ୍ତେ ।

ଏପ୍ରିଲ ୨୫ ⇨ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଛାତ୍ରମାନେ ସେମାନଙ୍କର ୧୦ମ ଶ୍ରେଣୀର ବୋର୍ଡ ପରୀକ୍ଷାକୁ ସଫଳତାର ସହିତ ସଂପୂର୍ଣ୍ଣ କରିଥିବାରୁ ।

ଏପ୍ରିଲ ୨୬ ⇨ ନୂତନ ଓ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତ କରିବା ପାଇଁ ଆମ ଅନୁଷ୍ଠାନକୁ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୭ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରର ସଦସ୍ୟମାନଙ୍କ ନିମନ୍ତେ ।

ଏପ୍ରିଲ ୨୮ ⇨ ଆମର ନିହିମିୟା ବାଇବଲ କଲେଜ ନୂତନ B.Th Online ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଆଶୀର୍ବାଦ ପାଇଥିବାରୁ ।

ଏପ୍ରିଲ ୨୯ ⇨ ଆମର ବାଇବଲ କୋର (ବାଇବଲ କରେସ୍‌ପଣ୍ଡେସ ପାଠ୍ୟକ୍ରମ) ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୩୦ ⇨ ଆମର ସେବାକାର୍ଯ୍ୟର ଯାତ୍ରା ଉପରେ ଆଶୀର୍ବାଦ କରିଥିବାରୁ ।

ମଇ ୧ ⇨ ଆମ ଅନୁଷ୍ଠାନର କର୍ମଚାରୀ ଓ ସେମାନଙ୍କ ପରିବାରକୁ ଆଶୀର୍ବାଦ ଓ ସୁରକ୍ଷା ଦେଉଥିବାରୁ ।

ମଇ ୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଥିବାରୁ ।

ମଇ ୩ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ଉପରେ ଆଶୀର୍ବାଦ କରିଥିବାରୁ ।

## ପ୍ରାର୍ଥନାର ବିଷୟ

ମଇ ୪ ⇨ ଦୀର୍ଘ ଦିନ ଧରି ମାରାତ୍ମକ ରୋଗ ଯୋଗୁ ଡାକ୍ତରଖାନାରେ ଦୁଃଖଭୋଗ କରୁଥିବା ସମଗ୍ର ପୃଥିବୀର ରୋଗୀମାନଙ୍କ ନିମନ୍ତେ ।

ମଇ ୫ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ ପାଇଁ ନୂତନ ସଭ୍ୟ ସଭ୍ୟାମାନଙ୍କ ନିମନ୍ତେ ।

ମଇ ୬ ⇨ ଆମର ଉତ୍ତର ଭାରତର ମିଶନେରୀ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ ।

ମଇ ୭ ⇨ ସେବାକାର୍ଯ୍ୟ ଓ ମିଶନେରୀମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାକାଣ୍ଡର ବନ୍ଦ ନିମନ୍ତେ ।

ମଇ ୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷିତ ଜୀବନ ଦେବା ନିମନ୍ତେ ।

ମଇ ୯ ⇨ ୨୦୨୩ ଜୁନ୍ ୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମ ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବ ନିମନ୍ତେ ।

ମଇ ୧୦ ⇨ ସମସ୍ତ ମଣ୍ଡଳୀ ଯେପରି ଆତ୍ମା ଲାଭ କରିବେ ଓ ଉଦ୍ଦୀପନା ପାଇବେ ।

ମଇ ୧୧ ⇨ ତୁର୍କୀ ଓ ସିରିଆ ଯେପରି ସାଂପ୍ରତିକ ଭୂମିକମ୍ପ ଜନିତ କ୍ଷତିରୁ ସୁସ୍ଥତା ପାଇବେ ।

ମଇ ୧୨ ଆମର ସୁସମାଚାର ଛାପାକଳ ଓ ଏହାର ନିୟମିତ କାର୍ଯ୍ୟକଳାପ ନିମନ୍ତେ ।

ମଇ ୧୩ ⇨ ଆମ ସେବାକାର୍ଯ୍ୟର ଅର୍ଥନୈତିକ ଆବଶ୍ୟକତା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ମଇ ୧୪ ⇨ ଆମ ନିହିମିୟା ବାଇବଲ କଲେଜର B.Th Online ପାଠ୍ୟକ୍ରମରେ ଯୋଗ୍ୟ ଛାତ୍ରମାନଙ୍କର ଯୋଗଦାନ ନିମନ୍ତେ ।

ମଇ ୧୫ ⇨ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ମଇ ୧୬ ⇨ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ମଇ ୧୭ ⇨ ଆମ ଅନୁଷ୍ଠାନର କର୍ମଚାରୀମାନେ ଯେପରି ଏକମନା ହୋଇ ମିଳନରେ କାର୍ଯ୍ୟ କରିବେ ।

ମଇ ୧୮ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କାଟୁଛନ୍ତି । ପ୍ରତିଦିନ ପ୍ରାୟ ସମସ୍ତ ମଣ୍ଡଳୀରେ ପ୍ରାର୍ଥନା ଉତ୍ତୋଳନ କରାଯାଉଛି । ବଡ଼ ବଡ଼ ପ୍ରାର୍ଥନା କେନ୍ଦ୍ର ସବୁ ନିର୍ମିତ ହୋଇଛି ଓ ଦିବାରାତ୍ର ନିରବଚ୍ଛିନ୍ନ ଭାବରେ ପ୍ରାର୍ଥନା କରାଯାଉଛି । ଏହି ନିରବଚ୍ଛିନ୍ନ ପ୍ରାର୍ଥନା ଦ୍ୱାରା, ସ୍ୱର୍ଗକୁ ନିରନ୍ତର ପ୍ରାର୍ଥନାରୂପକ ସୁଗନ୍ଧି ଉତ୍ଥିତ ହେଉଅଛି ।

ଏଠାରେ ଈଶ୍ୱରଙ୍କ ଦାସମାନେ ସେମାନଙ୍କ ଆଦ୍ୟ ପ୍ରେମ ହରାଇ ନ ଥିଲେ, ପ୍ରାର୍ଥନା ପାଇଁ ସେମାନଙ୍କ ତୃଷା, ଉଦ୍ଦୀପନାର ପବିତ୍ରତା ଓ ପ୍ରଭାବ ହରାଇ ନ ଥିଲେ ଓ ଏହାକୁ ସବୁ ପ୍ରକାରେ ସୁରକ୍ଷିତ ରଖିଥିଲେ । ଏଥିଯୋଗୁ କୋରିଆ ଏକ ଉତ୍କୃଷ୍ଟ ଦେଶରେ ପରିଣତ ହୋଇଛି । ମୁଁ ଦକ୍ଷିଣ କୋରିଆ ବିଷୟରେ କହୁଅଛି । ଏହା କୌଣସି ଅତିରଞ୍ଜିତ ବିଷୟ ନୁହେଁ ଯେ ଈଶ୍ୱରଙ୍କ ବହୁସଂଖ୍ୟକ ଲୋକ ଏଠାରୁ ଉତ୍ପନ୍ନ ହୋଇଛନ୍ତି ଓ ଜଗତକୁ ଓଲଟ ପାଲଟ କରି ଦେଇଛନ୍ତି ।

ସେଥିପାଇଁ ଶକ୍ତିଶାଳୀ ଉଦ୍ଦୀପନାର ବୃଷ୍ଟି ନିମନ୍ତେ, ଆନ୍ତରିକ ଅନୁତାପ ଓ ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନାର ଆବଶ୍ୟକତା ଅଛି । ଉଦ୍‌ଯୋଗର ସହିତ ଦେଶ ପାଇଁ ପ୍ରାର୍ଥନା କରୁଥିବା ଦଳେ ଈଶ୍ୱରଙ୍କ ଲୋକ ମଧ୍ୟ ଏହି ଉଦ୍ଦୀପନାକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଅଟନ୍ତି । ଯଦି ଆମେ ଝୁଣ୍ଟି ପଡ଼ିବା, ତେବେ ଉଦ୍ଦୀପନାର ଅଗ୍ନି ନିର୍ବାପିତ ହେବ । ବେଦି ଉପରେ ଏହି ଅଗ୍ନି ନିରନ୍ତର ଜ୍ୱଳୁଥାଉ ।

## ଏକ ବାସ୍ତବ ଉଦ୍ଦୀପନାର ଦୁଇ ପାର୍ଶ୍ୱ

**୧) ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକ ଜୀବନ୍ତ ଉଦ୍ଦୀପନା ।**

**୨) ଈଶ୍ୱରଙ୍କ ଉପସ୍ଥିତି ସମ୍ବନ୍ଧରେ ପୁନଃ ସଚେତନତା ।**

## ୧. ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକ ଜୀବନ୍ତ ଉଦ୍ଦୀପନା ।

ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଏକ ଅତି ପ୍ରାକୃତିକ ଉଦ୍ଦୀପନା ଆଣିବ । ସାଧୁ ପାଉଲ ଲୋକମାନଙ୍କୁ ଉତ୍ସାହିତ କରିଛନ୍ତି, **"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ ... ବଳିରୂପେ ଉତ୍ସର୍ଗ କର । ... ତୁମ୍ଭେମାନେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ"** (ରୋମୀୟ ୧୨:୧,୨) । ଆଜିକାଲି, ମଣ୍ଡଳୀ ଓ ଖ୍ରୀଷ୍ଟିଆନ ଅନୁଷ୍ଠାନଗୁଡ଼ିକରେ, ପ୍ରେରିତମାନଙ୍କର ଆତ୍ମିକ ଅନୁଭୂତି ଗୁଡ଼ିକୁ ପରିତ୍ୟାଗ କରାଯାଇଛି ଓ ତା' ସ୍ଥାନରେ ନୂତନତା ଓ ଆଧୁନିକତା ପ୍ରଚଳିତ ଅଛି । ବର୍ତ୍ତମାନ ସମୟର ଉପବାସ ପ୍ରାର୍ଥନା ସଭାଗୁଡ଼ିକ ଆଶ୍ଚର୍ଯ୍ୟକର୍ମ ପ୍ରଦର୍ଶନର ସଭାରେ ପରିଣତ ହୋଇଛି ଓ ଦେଶ ପାଇଁ ଉଦ୍ଦୀପନା ପ୍ରାର୍ଥନା ସଭାଗୁଡ଼ିକ ଅର୍ଥ ରୋଜଗାରର ସ୍ଥାନରେ ପରିଣତ ହୋଇଛି । ଦେଶ ପାଇଁ ଭାରଗ୍ରସ୍ତ ହୋଇ ପ୍ରାର୍ଥନା କରିବା ନିମନ୍ତେ ପ୍ରାର୍ଥନା – ସଭାକୁ ଆସୁଥିବା ଲୋକମାନେ ଏପରି ନମ୍ର ହୋଇ ଉଦ୍‌ଯୋଗର ସହିତ ପ୍ରାର୍ଥନା କରିବା ଆବଶ୍ୟକ ଯେପରି ଆମର ପ୍ରଭୁ ଶୁଣିବେ ଓ ସେମାନଙ୍କ ପ୍ରାର୍ଥନାର ଉତ୍ତର ଦେବେ । ପୁଣି ଯେପରି ହିଂସା, ଦୁର୍ନୀତି ଓ ଅଭିଶାପ ସଂପୂର୍ଣ୍ଣ ଭାବରେ ଦୂର ହେବ ଓ ଆମ ଦେଶରେ ଶାନ୍ତି ଓ ସମୃଦ୍ଧି ରାଜତ୍ୱ କରିବ ।

ଆମ ଦେଶ ପାଇଁ ଏକ ବାସ୍ତବ ଆତ୍ମିକ ଉଦ୍ଦୀପନା ପାଇବା ନିମନ୍ତେ, ଈଶ୍ୱରଙ୍କ ସନ୍ତାନମାନେ ପ୍ରଥମେ ଈଶ୍ୱରଙ୍କ ଇଚ୍ଛା ନିକଟରେ ସେମାନଙ୍କର ଜୀବନକୁ ସମର୍ପଣ କରିବା ଓ ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହେବା ଉଚିତ୍ ।

ଏହାର ବିପରୀତରେ, କିଛି ନୂତନ କରିବାର ଆଢୁଆଳରେ ଆଜିର ମଣ୍ଡଳୀଗୁଡ଼ିକ ଲୋକମାନଙ୍କ ସମ୍ମୁଖରେ ଭୁଲ ବିଷୟ ଉପସ୍ଥାପନ କରୁଛନ୍ତି ଓ ସେମାନଙ୍କୁ ସେମାନଙ୍କର ଲକ୍ଷ୍ୟ ସାଧନ ପାଇଁ ନିଯୁକ୍ତ କରି ଏହାକୁ ଏକ ବଡ଼ ଉଦ୍ଦୀପନା ବୋଲି ଘୋଷଣା କରୁଛନ୍ତି । ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ନ ଘଟିଲେ, ସେମାନଙ୍କର ପ୍ରାର୍ଥନା, ସଙ୍ଗୀତ, ନୃତ୍ୟ, ଉନ୍ନତି ସମ୍ବନ୍ଧୀୟ ପ୍ରଚାର, ଆକର୍ଷଣୀୟ ମଞ୍ଚ ଓ ନୂତନ ନୂତନ ସେବା ଯୋଜନା କେବଳ ଏକ ଅପଚୟ ଅଟେ । ଯଦି ଜଣେ ଏହି ଆଧୁନିକ ଯୁଗର ପ୍ରସିଦ୍ଧ ଈଶ୍ୱରଙ୍କ ଦାସମାନଙ୍କର ନିକଟବର୍ତ୍ତୀ ହେବ, ତେବେ ସେ ସେମାନଙ୍କ ହୃଦୟରୁ ନିର୍ଗତ ହେଉଥିବା ଅଶୁଚି ଘୃଣ୍ୟ ବିଷୟ, ଯଥା ଅର୍ଥ ପାଇଁ ଲାଳସା, ଗର୍ବ, ସ୍ୱାର୍ଥପରତା ରୂପକ ଦୁର୍ଗନ୍ଧକୁ ଅନୁଭବ କରିପାରିବ । କେତେକ ଲୋକ ଈଶ୍ୱରଙ୍କ ରାଜ୍ୟର ସଂପ୍ରସାରଣକୁ ଦୂରେଇ ଦେଇ କହନ୍ତି, "ମୋର ମଣ୍ଡଳୀ", "ମୋ' ସେବା କାର୍ଯ୍ୟ", "ମୋର ମିଶନେରୀ", "ମୋର ଉଦ୍ୟାନ", "ମୋର ମୀନାର" ଇତ୍ୟାଦି କହନ୍ତି । ଏହି ମନୋଭାବ ଦୂର ହେବା ଉଚିତ ଓ ପ୍ରଭୁ ଆମଠାରେ ଯାହା ଦେଖନ୍ତି, ତାହା ଦେଖିବା ଉଚିତ । ଏହା ଦ୍ୱନ୍ଦ୍ୱଯୁକ୍ତ ଅଟେ ଯେ ଯେତେବେଳେ ଈଶ୍ୱରଙ୍କର ଜଣେ ଦାସ ଅନ୍ୟ ଜଣେ ଦାସଙ୍କୁ ତାଙ୍କ ସେବାକାର୍ଯ୍ୟ ବିଷୟରେ କିଛି ଜାଣିବା ପାଇଁ ସାକ୍ଷାତ୍ କରନ୍ତି, ସେତେବେଳେ ସେହି ସାକ୍ଷାତ୍ ଗୋଟିଏ ଏକ–ପାର୍ଶ୍ୱିକ ସାକ୍ଷାତ୍ ହୋଇଯାଏ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


**ନିହିମିଆ ବାଇବଲ**
**ସାଂଧ୍ୟ କଲେଜ**

ECHO OF HIS CALL 1969-2019 REACHING NATIONS

**ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ**

**ମାଧ୍ୟମ ~ ତାମିଲ**

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**
**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**

ଆଡ୍‌ମିଶନ ପାଇଁ ଶ୍ରୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ, ଚେନ୍ନାଇ

### ଆବଶ୍ୟକ

**୧. ଅଧ୍ୟକ୍ଷ**
ନିହିମିୟା ବାଇବଲ କଲେଜ
ଯୋଗ୍ୟତା : ଏମ୍.ଡିଭ୍ (କିମ୍ବା) ଏମ୍.ଟି.ଏଚ୍

**୨. କମ୍ପ୍ୟୁଟର କର୍ମଚାରୀ**
କମ୍ପ୍ୟୁଟର ଓ ଟାଇପିଂ ଜ୍ଞାନ ସହିତ ସ୍ନାତକ

ଯୋଗାଯୋଗ :
**Email :sam@echoofhiscall.org**
**WhatsApp : +91-98412 71858**

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

# ଆହ୍ୱାନର ପ୍ରତିଧ୍ୱନିର ଛାପାକଳ


## THE PRINTING PRESS OF ECHO OF HIS CALL!

୧୯୬୯-୧୯୭୧ରେ, ଯେତେବେଳେ ମୁଁ ଯୁବକ ଥିଲି, ସେତେବେଳେ ଈଶ୍ୱରଙ୍କ ଦାସ, ସ୍ୱର୍ଗତଃ ପାଳକ ଏସ୍.ଦେବଦାସନଙ୍କ ପାଇଁ ତାଙ୍କର ମାସିକ ପତ୍ରିକା ''ହେରାଲ୍ଡ ଅଫ୍ ହିଜ୍ କମିଙ୍ଗ''ର କାର୍ଯ୍ୟାଳୟରେ ଓ ଛାପାକଳରେ ସର୍ବକନିଷ୍ଠ ବ୍ୟକ୍ତି ଭାବରେ କାର୍ଯ୍ୟ କରୁଥିଲି ।

ଏହି ପାଳକ ମୋତେ ପ୍ରଭୁ କାର୍ଯ୍ୟରେ ଥିବା ଦୁଃଖ ଓ ଉତ୍ତମତା ବିଷୟରେ ଓ ପ୍ରଭୁଙ୍କ ସେବା କରିବାର ପଦ୍ଧତି ବିଷୟରେ ମଧ୍ୟ ଶିକ୍ଷା ଦେଇଥିଲେ । ସେ ମୋତେ ଆନୁଷ୍ଠାନିକ ଓ ପ୍ରଶାସନିକ କାର୍ଯ୍ୟ ବିଷୟରେ ମଧ୍ୟ ତାଲିମ ଦେଇଥିଲେ । ମୁଁ ସେମାନଙ୍କର ଅଡିଟର୍, ଶ୍ରୀଯୁକ୍ତ ଭେଦମନିଙ୍କ ଅଧୀନରେ ''ହିସାବ'' ଶିକ୍ଷା କରିବା ପାଇଁ ତାଲିମ ନେଇଥିଲି ।

ସେହି ସମୟରେ ଆମର ପାଳକ ଗୋଟିଏ ନୂତନ ଛାପାକଳ କିଣିଲେ । ସେଠାରେ କେବଳ ଜଣେ ମାତ୍ର ମେକାନିକ୍, ଶ୍ରୀଯୁକ୍ତ ରାଜ୍ ଥିଲେ । ଏହା ଏକ ପୁରୁଣା-ମଡେଲ୍‌ର ମେସିନ୍ ଥିଲା ଯାହା ହାତ ସାହାଯ୍ୟରେ କାମ କରୁଥିଲା । ଯଦି ଆମେ ଏହାର ହ୍ୟାଣ୍ଡେଲକୁ ଥରେ ଘୁରାଉଥିଲୁ, ତେବେ ଆମେ କେବଳ ଗୋଟିଏ ଫର୍ଦ୍ଦକାଗଜ ଛାପି ପାରୁଥିଲୁ ।

ଯଦିଓ ହ୍ୟାଣ୍ଡେଲ୍‌କୁ ଘୁରାଇବା ଏକ କଷ୍ଟକର କାର୍ଯ୍ୟ ଥିଲା, ତଥାପି ମୁଁ ଏହାକୁ ଖୁସିରେ ଘୁରାଉଥିଲି । ସମଗ୍ର ମାସିକ ପତ୍ରିକାଟିକୁ ଛାପିବା ପାଇଁ ମୋତେ ଏହାକୁ





ହସ୍ତଚାଳିତ ଛାପାକଳ

୫୦,୦୦୦ ଥର ଘୁରାଇବାକୁ ପଡୁଥିଲା । ମୁଁ ଯେତେଥର ହ୍ୟାଣ୍ଡେଲକୁ ଘୁରାଉଥିଲି, ସେତେଥର କହୁଥିଲି, ''ପ୍ରଭୁଙ୍କର ପ୍ରଶଂସା ହେଉ'' । ଏହିପରି ଭାବରେ, ମୁଁ ୫୦,୦୦୦ ଥର ''ପ୍ରଭୁଙ୍କର ପ୍ରଶଂସା ହେଉ'' ବୋଲି କହୁଥିଲି । ମୋର ପାଳକ ମୋତେ ତାହା କରିବାର ଦେଖୁଥିଲେ ଓ ଉତ୍ସାହିତ ହେଉଥିଲେ ।

ସେ ମୋତେ ପାଲୟମ୍‌କୋଟାଇସ୍ଥିତ ''ନିଉ ଲାଇଫ'' ପତ୍ରିକାର କାର୍ଯ୍ୟାଳୟକୁ ମଧ୍ୟ ନେଇଥିଲେ ଓ ସେହି ପତ୍ରିକା ସେହି ଛାପାକଳରେ କିପରି ଛପା ଯାଉଥିଲା, ତାହା ମୋତେ ଦେଖାଇଥିଲେ । ମୁଁ ସେହି ପୁରୁଣା ଛାପାକଳ ଓ ସେଠାରେ ବସି ପତ୍ରିକାଗୁଡ଼ିକ ଭାଙ୍ଗି ସଜାଡୁଥିବା ଲୋକମାନଙ୍କୁ ଦେଖିଲି । ସେମାନେ ପତ୍ରିକାଗୁଡ଼ିକୁ ବାନ୍ଧି ଡାକ ଘରକୁ ନେଉଥିଲେ । ମୁଁ ସେମାନଙ୍କୁ ସେହି କାର୍ଯ୍ୟ କରୁଥିବାର ଦେଖି ସେହି ପ୍ରକାର ଏକ ସେବାକାର୍ଯ୍ୟ କରିବାକୁ ଇଚ୍ଛା କରିଥିଲି । ସେହି ସମୟରୁ, ଗୋଟିଏ ସୁସମାଚାର ଛାପାକଳ ରଖିବାର ଚିନ୍ତା ମୋ' ହୃଦୟ ମଧ୍ୟରେ ପ୍ରବେଶ କରିଥିଲା । ମୁଁ ଅନେକ ଲୋକଙ୍କୁ ଏହାର ସବିଶେଷ ତଥ୍ୟ ପଚାରିଥିଲି ।


ଥରେ ମୁଁ ଦୈବାତ୍ ଏପରି ଗୋଟିଏ ସ୍ଥାନକୁ ଯାଇଥିଲି ଯେଉଁଠାରେ ୧୦୦ଟି ଅଫ୍‌ସେଟ ଛାପାକଳକୁ ଗୋଟିଏ ଧାଡ଼ିରେ ରଖା ଯାଇଥିଲା । ଈଶ୍ୱରଙ୍କ ଜଣେ ଦାସ ଏହାର ମାଲିକ ଥିଲେ । ମୁଁ ଗୋଟିଏ ମେସିନ୍‌ର ମୂଲ୍ୟ ପଚାରିଲି ଓ ସେ କହିଲେ, ''ଏହାକୁ କେବଳ ଅତି ଧନୀ ଲୋକମାନେ କିଣିପାରିବେ । ଆପଣ ଏହାକୁ କିଣିପାରିବେ ନାହିଁ । ଯଦି ବି କେହି ଏହା ଆପଣଙ୍କୁ ଦାନ କରିବେ, ତଥାପି ଆପଣ ଏହାର ରକ୍ଷଣାବେକ୍ଷଣ କରିପାରିବେ ନାହିଁ ।'' ତାହା ଶୁଣି ମୋର ହୃଦୟ ଭଗ୍ନ ହେଲା । ମୁଁ ମୋ' ନିଜ ସ୍ଥାନକୁ ଫେରି ଆସି ଆଣ୍ଠୁ ଭାଙ୍ଗିଲି ଓ ସେହି କଥାବାର୍ତ୍ତା ବିଷୟ ମୋର ଈଶ୍ୱରଙ୍କୁ ଜଣାଇଲି ।

ପ୍ରଭୁ ମୋର ପ୍ରାର୍ଥନା ଶୁଣିଥିଲେ । ସେ ମୋତେ ଗୋଟିଏ ପୁରୁଣା ଛାପାକଳ ଦେଲେ । ସେହି ସମାନ ପ୍ରକାର ମେସିନ୍ ଦକ୍ଷିଣ ଆଫ୍ରିକାର ''ବ୍ଲୋଏମ୍‌ଫଣ୍ଟେନ୍''ରେ ଥିବା ଗୋଟିଏ ସଂଗ୍ରହାଳୟରେ କେବଳ ମିଳୁଥିଲା ।




ଈଶ୍ୱର ମୋତେ ଦେଇଥିବା ସେହି ଛାପାକଳଟି ଏହିପରି ଏକ ପ୍ରାଚୀନ ସ୍ମୃତି ଥିଲା । ଏହା ଚେନ୍ନାଇର ''ୱାଶରମେଣ୍ଟପେଟ''ର ଭାଇ ସୁନ୍ଦରମ୍‌ଙ୍କ ନିକଟରେ ଥିଲା । ସେ ଏହାକୁ ବ୍ୟବହାର କରିବା ପାଇଁ ସମର୍ଥ ହୋଇ ନ ଥିବାରୁ, ଅତି କମ୍ ମୂଲ୍ୟରେ ମୋତେ ଏହାକୁ ଦେଇଥିଲେ ।

ପରେ, ଈଶ୍ୱର ମୋର ସୁସମାଚାର ଛାପାଖାନାର ଉନ୍ନତି ଓ ବିକାଶ କରିବାରେ ମୋତେ ସାହାଯ୍ୟ କରିଥିଲେ । ଆଜି ଈଶ୍ୱର ମୋତେ ଗୋଟିଏ ସ୍ୱୟଂ ଚାଳିତ ଅଫ୍‌ସେଟ୍ ଛାପାକଳ ଦେଇଛନ୍ତି ଓ ତାହା ସାହାଯ୍ୟରେ ଆମେ ୧୭ଟି ଭାଷାରେ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ଛାପୁଅଛୁ । ଆମେ ବିଭିନ୍ନ ଭାଷାରେ ଅନେକ




*ଆଧୁନିକ ସ୍ୱୟଂଚାଳିତ ଛାପାକଳ*

ଆତ୍ମିକ ପୁସ୍ତକ ମଧ୍ୟ ଛାପୁଅଛୁ ଓ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସେଗୁଡ଼ିକୁ ସମଗ୍ର ପୃଥିବୀର ବିଭିନ୍ନ ଅଞ୍ଚଳକୁ ବିନା ମୂଲ୍ୟରେ ପ୍ରେରଣ କରୁଅଛୁ ।

ଏହି ସ୍ଥିତିରେ ପହଞ୍ଚିବା ପାଇଁ, ମୋତେ ଅନେକ କଷ୍ଟକର ପଥ ମଧ୍ୟ ଦେଇ ଯାତ୍ରା କରିବାକୁ ପଡିଥିଲା । ପ୍ରିୟବନ୍ଧୁ ! ଆପଣ ମଧ୍ୟ ଏକ କଷ୍ଟକର ପଥ ମଧ୍ୟ ଦେଇ ଯାତ୍ରା କରୁଛନ୍ତି କି ? ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏପରି ସେବାକାର୍ଯ୍ୟ କରିବାରେ ଆପଣଙ୍କୁ ସାହାଯ୍ୟ କରିବେ ଯାହା ସେ ଆପଣଙ୍କୁ ପ୍ରଦାନ କରିଛନ୍ତି । ଆପଣ ନିରାଶ ହେବେ ନାହିଁ ।

**‘‘... ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି’’** (୧ କରିନ୍ଥୀୟ ୨:୯) ।

★★★

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

## ୨. ଈଶ୍ୱରଙ୍କ ଉପସ୍ଥିତି ସମ୍ବନ୍ଧୀୟ ପୁନଃ ସଚେତନତା

ଗତ ତିରିଶ ବର୍ଷ ମଧ୍ୟରେ, ବହୁ ସଂଖ୍ୟକ ଈଶ୍ୱରଙ୍କ ଦାସ ଉତ୍ଥିତ ହୋଇଛନ୍ତି । ସେହିପରି ସେବାକାର୍ଯ୍ୟର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ମାତ୍ର ଉତ୍ତମ ମନୋଭାବର ବିକାଶ ହେବା ପରିବର୍ତ୍ତେ, ଦ୍ୱନ୍ଦ୍ୱ ଓ ମନ୍ଦଚିନ୍ତା ବୃଦ୍ଧି ପାଇଛି । ମଣ୍ଡଳୀ ଓ ସମାଜରେ ଏପରି ଲୋକ ଅଛନ୍ତି ଯେଉଁମାନେ ଦୀର୍ଘ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ପ୍ରାର୍ଥନା କରିବାକୁ ଆଗେଇ ଆସିଛନ୍ତି । କେତେକ ବ୍ୟକ୍ତି ଆତ୍ମିକ ସନ୍ତୋଷ ନ ପାଇ ଗୋଟିଏ ମଣ୍ଡଳୀର ଅନ୍ୟ ଏକ ମଣ୍ଡଳୀକୁ ଯାଉଛନ୍ତି । ଯେଉଁ ମଣ୍ଡଳୀଗୁଡ଼ିକ ପୃଥିବୀର ରାଜନୀତିକୁ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ଶକ୍ତିପୂର୍ଣ୍ଣ ଅଟନ୍ତି, ସେଗୁଡ଼ିକ ଏହା ସମ୍ମୁଖରେ କମ୍ପିତ ହେଉଛନ୍ତି ।

ଈଶ୍ୱରଙ୍କ ଦାସମାନଙ୍କର ଶକ୍ତିପୂର୍ଣ୍ଣ ପ୍ରଚାର ଲୋକମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ଉଚିତ ଓ ଶୟତାନକୁ କମ୍ପିତ କରି ଦୂରକୁ ପ୍ରେରଣ କରିବା ଉଚିତ– ଏହା ଈଶ୍ୱରଙ୍କ ଇଚ୍ଛା ଅଟେ । ମାତ୍ର ସେବାକାର୍ଯ୍ୟର ଗୌରବ ମଳିନ ପଡ଼ିଯାଇଛି । କାହିଁକି ? ଏହା ଏକ ସତ୍ୟ ବିଷୟ ଅଟେ ଯେ ଈଶ୍ୱର ନିଜର ଉପସ୍ଥିତିକୁ ନେଇଯାଇଛନ୍ତି ।

ସେଥିପାଇଁ, ଆମେ କେଉଁଠାରେ ଈଶ୍ୱରଙ୍କ ଉପସ୍ଥିତିକୁ ହରାଇ ଦେଇଛୁ ଓ କେଉଁ ପରିବେଶରେ ପ୍ରେରିତମାନଙ୍କର ଅଭିଷେକ ଆମଠାରୁ ଦୂରୀଭୂତ ହୋଇଛି, ଏହାର ସମୀକ୍ଷା କରିବା ଆମ ନିମନ୍ତେ ଆବଶ୍ୟକ ଅଟେ । ପ୍ରାର୍ଥନା ଓ ବିନତି କରିବାର ଆତ୍ମା ମଣ୍ଡଳୀ ଓ ପରିବାରଗୁଡ଼ିକରେ ବୃଷ୍ଟି କରାଯିବା ଉଚିତ । ଏହାକୁ ବୃଷ୍ଟି କରାଗଲେ, ଲୋକମାନେ ଉଦ୍ଦୀପନା ପାଇଁ କ୍ରନ୍ଦନ କରିବେ । ବିନାଶପ୍ରାପ୍ତ ପ୍ରାଣଗୁଡ଼ିକର ବୋଝ ସେମାନଙ୍କୁ ଆଘାତ କରିବ ଓ ଯେ କୌଣସି ବଳିଦାନ ଦେବା ପାଇଁ ସେମାନଙ୍କୁ ଅଗ୍ରସର କରାଇବ ।

ବର୍ତ୍ତମାନ ଆମେ ଏକ ପୁନର୍ଜାଗରଣ ଦେଖିବାର ସମୟ ଆସିଛି । ଏହି କାରଣରୁ ପ୍ରଭୁ ଏହି ଜଗତରେ ଏହି ସମୟ ମଧ୍ୟରେ ଆମକୁ ଜୀବିତ ରଖିଛନ୍ତି । ସମସ୍ତ ମୃତକାର୍ଯ୍ୟ ଓ ସ୍ୱାର୍ଥ–କୈନ୍ଦ୍ରିକ ସେବାକାର୍ଯ୍ୟକୁ ଦୂରକୁ ନିକ୍ଷିପ୍ତ କରନ୍ତୁ ଓ ପ୍ରଭୁଙ୍କ ନିକଟକୁ ଫେରିଆସି ଏକ ବୋଝର ସହିତ ପୁନର୍ଜାଗରଣର ଏକ ବଡ଼ ଫସଲ ପାଇଁ ପ୍ରାର୍ଥନା କରନ୍ତୁ । ଆପଣଙ୍କ ପାଦକୁ ଗତିଶୀଳ କରିବା ଆରମ୍ଭ କରନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

************

**ଗୀତସଂହିତା ୧୨୧:୭–୮**

**ସଦାପ୍ରଭୁ ସମସ୍ତ ଅମଙ୍ଗଳରୁ ତୁମ୍ଭକୁ ରକ୍ଷା କରିବେ, ସେ ତୁମ୍ଭର ପ୍ରାଣକୁ ରକ୍ଷା କରିବେ । ଆଜିଠାରୁ ସଦାକାଳ ସଦାପ୍ରଭୁ ତୁମ୍ଭର ବାହାରେ ଯିବାର ଓ ଭିତରେ ଆସିବାର ରକ୍ଷା କରିବେ ।**

## ବିଶେଷ ପ୍ରାର୍ଥନା ଅନୁରୋଧ

୧. ପ୍ରଭୁ ଯେପରି ଆମ ବରିଷ୍ଠ ପାଳକଙ୍କ ପରିବାରରେ ଦେଖା ଯାଉଥିବା ସମସ୍ୟାର ସମାଧାନ କରିବେ ।

୨. ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ସମ୍ମୁଖୀନ ହେଉଥିବା ଅର୍ଥନୈତିକ ଅସୁବିଧାଗୁଡ଼ିକ ଯେପରି ପରିବର୍ତ୍ତିତ ହେବ ।

୩. ପ୍ରଭୁ ଯେପରି ତାଙ୍କ ସେବା କରିବା ପାଇଁ ଏକ ଦର୍ଶନ ରଖିଥିବା ଲୋକମାନଙ୍କୁ ଯୋଗାଇବେ । ଆମେ ଆମର ଚେନ୍ନାଇ କାର୍ଯ୍ୟାଳୟ, ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ, ଆମର ବାଇବଲ କଲେଜ, ସୁସମାଚାର ଛାପାକଳ, ମଣ୍ଡଳୀସମୂହ ଓ ମିଶନ କ୍ଷେତ୍ର ପାଇଁ ମଧ୍ୟ ସମର୍ପିତ କାର୍ଯ୍ୟକାରୀମାନଙ୍କୁ ଆବଶ୍ୟକ କରୁଅଛୁ ।

୪. ଈଶ୍ୱରଙ୍କ ସେବାକାର୍ଯ୍ୟରେ ବାଧା ଦେଉଥିବା ଲୋକମାନେ ଯେପରି ଅନୁତାପ କରିବେ ।

୫. ଯେଉଁ ପାଳକମାନେ ସମସ୍ତ ପ୍ରକାର ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରୁଛନ୍ତି, ସେମାନେ ଯେପରି ସେମାନଙ୍କ ନିଜସ୍ୱ ବିକାଶ ବିଷୟରେ ଚିନ୍ତା ନ କରି, ଯେଉଁ ଗ୍ରାମ ଗୁଡ଼ିକରେ ମଣ୍ଡଳୀ ଗୃହ ନାହିଁ, ସେଠାରେ ମଣ୍ଡଳୀ ଗୃହ ନିର୍ମାଣ କରିବା ପାଇଁ ସେମାନଙ୍କ ଅର୍ଥକୁ ବ୍ୟବହାର କରିବେ । ଈଶ୍ୱରଙ୍କର ଜଣେ ଦାସ କହିଥିଲେ, ‘‘ଯଦି ଈଶ୍ୱରଙ୍କର ଅନେକ ପ୍ରସିଦ୍ଧ ଦାସମାନଙ୍କ ହସ୍ତରେ ଥିବା ଅର୍ଥ ଅବ୍ୟବହୃତ ହୋଇ ରହିଛି, ତେବେ ସେଗୁଡ଼ିକୁ ଭାରତର ସେହି ସମସ୍ତ ଗ୍ରାମରେ ଗୋଟିଏ କିମ୍ବା ଅଧିକ ମଣ୍ଡଳୀ ନିର୍ମାଣ ପାଇଁ ବ୍ୟବହାର କରାଯାଇ ପାରିବ ଯେଉଁଠାରେ କୌଣସି ମଣ୍ଡଳୀ ନାହିଁ ।’’ ଦୟାକରି ଏହାକୁ ମନରେ ରଖନ୍ତୁ ଓ ଏହି ବିଷୟରେ ପ୍ରାର୍ଥନା କରନ୍ତୁ ।

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

– ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :


## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com


**YOU CAN SEND YOUR DONATION ONLINE ALSO**


**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th APRIL 2023.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**


***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**